# NATIONAL NEWS BULLETIN (ODIA)

## 3 February - 2025

## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତିଙ୍କ ଅଭିଭାଷଣର ଧନ୍ୟବାଦ ପ୍ରସ୍ତାବ ଉପରେ ଉଭୟ ଲୋକସଭା ଓ ରାଜ୍ୟସଭାରେ ଆଲୋଚନା ଜାରି
- ପଶ୍ଚିମବଙ୍ଗରେ ରେଳ ସୁବିଧାର ସମ୍ପ୍ରସାରଣ ଏବଂ ଆଧୁନିକୀକରଣ ବିଷୟ ଘୋଷଣା କଲେ ରେଳମନ୍ତ୍ରୀ
- ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଶେଷ, ୫ ତାରିଖରେ ହେବ ଭୋଟ୍ ଗ୍ରହଣ
- ସିରିଆରେ କାର୍ ବୋମା ବିସ୍ଫୋରଣରେ ୧୯ ମୃତ ୧୫ ଗୁରୁତର

ଏବଂ

- ଭାରତୀୟ ମହିଳା କ୍ରିକେଟ ଦଳ ପାଇଁ ୫ କୋଟି ଟଙ୍କା ପୁରସ୍କାର ଘୋଷଣା କଲା ବିସିସିଆଇ

## ଆର୍‌ଏସ୍‌- ମୋସନ ଅଫ୍ ଥ୍ୟାଙ୍କ୍ସ

ସଂସଦର ମିଳିତ ଅଧିବେଶନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣର ଧନ୍ୟବାଦ ପ୍ରସ୍ତାବ ଉପରେ ଉଭୟ ଲୋକସଭା ଓ ରାଜ୍ୟସଭାରେ ଆଲୋଚନା ଜାରି ରହିଛି । ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ଆରମ୍ଭ କରିଥିବା ବେଳେ ବିଜେପିର ସାଂସଦ ରାମବୀର ସିଂ ବିଧୁରୀ’ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରର ସଂସ୍କାରମୂଳକ କାର୍ଯ୍ୟକ୍ରମଗୁଡ଼ିକ ବିଷୟରେ ଆଲୋଚନା କରିଛନ୍ତି ।

ରାଜ୍ୟସଭାରେ ଆଲୋଚନାରେ ଅଂଶଗ୍ରହଣ କରି ବିଜେପି ସଦସ୍ୟ କିରନ ଚୌଧୁରୀ କହିଛନ୍ତି, କୃଷକମାନଙ୍କ ଆୟ ଦ୍ୱିଗୁଣିତ କରିବା ଲାଗି କେନ୍ଦ୍ର ସରକାର ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛନ୍ତି । କୃଷି କ୍ଷେତ୍ରରେ ବିରୋଧୀ ଦଳ ପକ୍ଷରୁ ସରକାର ବିରୋଧୀ ପ୍ରଚାର କରାଯାଇଥିବା ସମ୍ପର୍କରେ ଆଲୋକପାତ କରି ଶ୍ରୀମତୀ ଚୌଧୁରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର କୃଷକମାନଙ୍କୁ ଉତ୍ପାଦର ଆୟ ବୃଦ୍ଧି କରିବା ଲାଗି ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛନ୍ତି । ଦେଶ ସମ୍ପ୍ରତି ବିକଶିତ ଭାରତ ଦିଗରେ ଅଗ୍ରସର ହେଉଛି ବୋଲି ଶ୍ରୀମତୀ ଚୌଧୁରୀ କହିଛନ୍ତି । ସେହିପରି ବିରୋଧୀ  କଂଗ୍ରେସ ଦଳର ନେତା

ମଲ୍ଲିକାର୍ଜ୍ଜୁନ ଖଡ଼ଗେ ଗୃହରେ ବେରୋଜଗାର ପ୍ରସଙ୍ଗ, ସାମଗ୍ରୀଗୁଡ଼ିକର ଦରବୃଦ୍ଧି, ଆମେରିକା ଡଲାର ତୁଳନାରେ ଭାରତୀୟ ମୁଦ୍ରା ମୂଲ୍ୟ ହ୍ରାସ ଆଦି ପ୍ରସଙ୍ଗ ଉପସ୍ଥାପନ କରିଥିଲେ।

ଆଲୋଚନାରେ ହସ୍ତକ୍ଷେପ କରି କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋଏଲ ଶ୍ରୀ ଖଡ଼ଗେଙ୍କ ପକ୍ଷରୁ କରାଯାଇଥିବା ଅଭିଯୋଗର ଖଣ୍ଡନ କରିଥିଲେ। ଶ୍ରୀ ଗୋଏଲ କହିଛନ୍ତି, ଏନ୍.ସି.ଆର୍.ବି.ର ତଥ୍ୟ ଅନୁଯାୟୀ, ୟୁପିଏ ଶାସନ କାଳରେ ୧୦ ବର୍ଷ ମଧ୍ୟରେ ଆତ୍ମହତ୍ୟା କରିଥିବା କୃଷକଙ୍କ ସଂଖ୍ୟା ଏନ୍‌ଡିଏ ଶାସନ କାଳରେ ୧୦ ବର୍ଷ ତୁଳନାରେ ୫୭ ପ୍ରତିଶତ ଅଧିକ। ସମ୍ପ୍ରତି ମହାକୁମ୍ଭ ଘଟଣାକୁ ରାଜନୈତିକ କରଣ କରାଯାଉଛି ବୋଲି ଶ୍ରୀ ଗୋଏଲ ବିରୋଧୀ ଦଳର ନେତାମାନଙ୍କୁ ସମାଲୋଚନା କରିଛନ୍ତି। ଟିଏମ୍‌ସି ସାଂସଦ ଡେରେକ ଓବ୍ରାଏନ କୃଷି ଏବଂ ବେରୋଜଗାର, ମହିଳା ନିମନ୍ତେ ସଂରକ୍ଷଣ ପ୍ରସଙ୍ଗ ଆଦି ଉପସ୍ଥାପନ କରିଥିଲେ। ସେ କହିଛନ୍ତି, ଗତ ୫ ବର୍ଷ ମଧ୍ୟରେ ଏନ୍‌ଡିଏ ସରକାର ଅମଳରେ କୃଷକଙ୍କ ମଜୁରୀ ପରିମାଣ ସାମାନ୍ୟ ବୃଦ୍ଧି ପାଇଛି। କୃଷକମାନଙ୍କ ନିମନ୍ତେ ଆଇନଗତ କିଛି ଗ୍ୟାରେଣ୍ଟି ନ ଥିବା ସେ କହିଛନ୍ତି।

## ଅଶ୍ୱିନୀ ରେଲୱେ ବଜେଟ୍

ଚଳିତ ବର୍ଷ ରେଳ ବଜେଟ୍‌ରେ ୨ ଲକ୍ଷ ୫୨ ହଜାର କୋଟିରୁ ଅଧିକ ଟଙ୍କାର ଅନୁଦାନ ମଞ୍ଜୁର କରାଯାଇଛି। ଆଜି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ’ ଏକ ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମବଙ୍ଗରେ ରେଳ ସୁବିଧାର ସମ୍ପ୍ରସାରଣ

ଏବଂ ଆଧୁନିକୀକରଣ ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ବଡ଼ ମିଶନ ହାତକୁ ନେଇଛନ୍ତି ବୋଲି ଘୋଷଣା କରିଛନ୍ତି। ପଶ୍ଚିମବଙ୍ଗରେ ଏହି ରେଳ କାର୍ଯ୍ୟ ନିମନ୍ତେ ୧୩ ହଜାର ୯୫୫ କୋଟି ଟଙ୍କା ବିନିଯୋଗ କରାଯିବ। ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ପଶ୍ଚିମବଙ୍ଗରେ ରେଳବାଇ ୬୮ ହଜାର କୋଟି ଟଙ୍କା ବିନିଯୋଗ କରିଛି। ଶ୍ରୀ ବୈଷ୍ଣବ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଏହି କାର୍ଯ୍ୟ ନିମନ୍ତେ କେନ୍ଦ୍ରକୁ ଜମି ଅଧିଗ୍ରହଣ ଏବଂ ସମ୍ପଦର ବିନିଯୋଗ କ୍ଷେତ୍ରରେ ଆଇନ ଶୃଙ୍ଖଳା ରକ୍ଷା ଦିଗରେ ସହାୟତା କରିବା ଲାଗି ଅନୁରୋଧ କରିଛନ୍ତି। ମନ୍ତ୍ରୀ କହିଛନ୍ତି, ଅମ୍ରିତ ଷ୍ଟେସନ୍ ଯୋଜନା ଅଧୀନରେ ପଶ୍ଚିମବଙ୍ଗରେ ୧୦୧ଟି ରେଳ ଷ୍ଟେସନ୍‌ର ପୁନଃବିକାଶ କରାଯିବ।

**V/O**

ପଶ୍ଚିମବଙ୍ଗରେ ସମ୍ପ୍ରତି ୯ଟି ବନ୍ଦେ ଭାରତ ଟ୍ରେନ୍ ଚଳାଚଳ କରୁଛି। ଗତବର୍ଷ ମାଲଦାରୁ ପ୍ରଥମ ଅମୃତ ଭାରତ ଟ୍ରେନ୍ ଯାତ୍ରା ଆରମ୍ଭ କରିଥିଲା। ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ଚଳିତ ବର୍ଷ ବଜେଟ୍‌ରେ ୧୦୦ଟି ନୂତନ ଅମୃତ ଭାରତ ଟ୍ରେନ୍ ପାଇଁ ଅନୁମୋଦନ କରାଯାଇଛି। ସେହିପରି ରାଜ୍ୟରେ ନମୋ ଭାରତ ଟ୍ରେନ୍ ମଧ୍ୟ ଚଳାଚଳ କରିବ ବୋଲି ସେ ସୂଚନା ଦେଇଛନ୍ତି।

# ରେଳ-ଝାଡ଼ଖଣ୍ଡ

ଦେଶର ବିଭିନ୍ନ ରେଳ ଡିଭିଜନ୍ ନିମନ୍ତେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ହୋଇଥିବା ବଜେଟ୍ ଆବଣ୍ଟନ

ସମ୍ପର୍କରେ ସୂଚନା ଦେଇଛନ୍ତି। ଝାଡ଼ଖଣ୍ଡ ରେଳ ଡିଭିଜନ ସମ୍ପର୍କରେ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ଝାଡ଼ଖଣ୍ଡ ଲାଗି ୬୦ ହଜାର କୋଟି ଟଙ୍କା ରେଳବାଇ ବିଭାଗ ପକ୍ଷରୁ ବିନିଯୋଗ କରାଯାଇଛି। ଝାଡ଼ଖଣ୍ଡରେ ଶତପ୍ରତିଶତ ରେଳ ନେଟୱର୍କ ବିଦ୍ୟୁତିକରଣ ବ୍ୟବସ୍ଥା ହାସଲ ହୋଇପାରିଛି ଏବଂ ୧ ହଜାର ୩୧୧ କିଲୋମିଟର ରେଳ ଟ୍ରାକ୍ ନିର୍ମାଣ କରାଯାଇପାରିଛି ବୋଲି ମନ୍ତ୍ରୀ କହିଛନ୍ତି। ଯାହାକି ସଂଯୁକ୍ତ ଆରବ ଏମିରେଟ୍ସର ସମଗ୍ର ରେଳ ନେଟ୍ୱର୍କଠାରୁ ଅଧିକ ବୋଲି ସେ କହିଛନ୍ତି।

## ଏଲ୍ଏସ୍-ଅନଏମ୍ପ୍ଲୋଏମେଣ୍ଟ

ଦେଶରେ ଗତ ୫ ବର୍ଷ ମଧ୍ୟରେ ବେରୋଜଗାର ହାର ସଂଖ୍ୟା ୬ ପ୍ରତିଶତରୁ ୩ ଦଶମିକ ୨ ପ୍ରତିଶତକୁ ହ୍ରାସ ପାଇଥିବା ଲୋକସଭାରେ ସୂଚନା ଦିଆଯାଇଛି। ଶ୍ରମ ଓ ନିଯୁକ୍ତି  ରାଷ୍ଟ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ ଲୋକସଭାରେ ଏକ ଲିଖିତ ଉତ୍ତରରେ ଦର୍ଶାଇଛନ୍ତି, ୧୫ ବର୍ଷରୁ ଊର୍ଦ୍ଧ୍ୱ ବୟସ କ୍ଷେତ୍ରରେ ଏହି ବରୋଜଗାରୀ ହ୍ରାସ ପାଇଛି।  ସେ କହିଛନ୍ତି, ସରକାରଙ୍କ ଦ୍ୱାରା ନିଯୁକ୍ତି ସୃଷ୍ଟି ନିମନ୍ତେ ପ୍ରଣୟନ କରାଯାଇଥିବା ବିଭିନ୍ନ ଯୋଜନା ଅଧୀନରେ ନିଯୁକ୍ତି ବୃଦ୍ଧି ପାଇଛି। ସେ କହିଛନ୍ତି, ଆସନ୍ତା ୫ ବର୍ଷରେ ଦେଶର ଯୁବକମାନଙ୍କୁ ରୋଜଗାର ଯୋଗାଇ ଦେବା ନେଇ ପ୍ରାୟ ୪ କୋଟିରୁ ଅଧିକ ଯୁବପିଢ଼ିଙ୍କୁ ଦକ୍ଷତା ପ୍ରଶିକ୍ଷଣ ଦିଆଯାଇଛି।

# ଦିଲ୍ଲୀ-ଇଲେକ୍ସନ

ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ଆଜି ପ୍ରଚାର କାର୍ଯ୍ୟ ଶେଷ ହୋଇଛି । ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ଲାଗି ଆସନ୍ତା ୫ ତାରିଖ ବୁଧବାର ଦିନ ଭୋଟ୍ ଗ୍ରହଣ ହେବାକୁ ଥିବା ବେଳେ ୮ ତାରିଖ ଶନିବାର ଦିନ ଗଣତି କରାଯିବ । ଏହି ନିର୍ବାଚନରେ ମୋଟ୍ ୬୯୯ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି ।

ଦିଲ୍ଲୀରେ ମୁଖ୍ୟତଃ ବିଜେପି, ଆପ୍ ଓ କଂଗ୍ରେସ ମଧ୍ୟରେ ତ୍ରିକୋଣୀୟ ପ୍ରତିଦ୍ୱନ୍ଦିତା ହେଉଛି । ମୋଟ୍ ୧ କୋଟି ୫୬ ଲକ୍ଷରୁ ଊର୍ଦ୍ଧ୍ୱ ମତଦାତା ନିଜର ଗଣତାନ୍ତ୍ରିକ ମତାଧିକାର ସାବ୍ୟସ୍ତ କରି ପ୍ରାର୍ଥୀମାନଙ୍କର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ । ଭୋଟ୍‌ଗ୍ରହଣ ନିମନ୍ତେ ମୋଟ୍ ୧୩ ହଜାର ୭୬୦ଟି ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି ।

ନିର୍ବାଚନରେ ଅଧିକ ମତଦାତା ଯେଭଳି ଅଂଶ ଗ୍ରହଣ କରିପାରିବେ, ତାହା ସୁନିଶ୍ଚିତ କରିବା ଲାଗି ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବିଭିନ୍ନ ଭୋଟର ଅନୁକୂଳ ପଦକ୍ଷେପମାନ ନିଆଯାଇଛି ।
ନିର୍ବାଚନକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି । ମତଦାନ ଲାଗି ୩୫ ହଜାର ଦିଲ୍ଲୀ ପୋଲିସ୍ ଯବାନଙ୍କ ସମେତ ୧୯ ହଜାର ଗୃହରକ୍ଷୀ ତଥା ୨୨୦କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ବାହିନୀ ଯବାନମାନଙ୍କୁ ମଧ୍ୟ ମୁତୟନ କରାଯିବା ଲାଗି ବ୍ୟବସ୍ଥା ହୋଇଛି ।

## ଜୟଶଙ୍କର ରାହୁଲ

କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ମିଥ୍ୟା ମନ୍ତବ୍ୟକୁ ନେଇ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ସମାଲୋଚନା କରିଛନ୍ତି। ଗତବର୍ଷ ଡିସେମ୍ବରରେ ଶ୍ରୀ ଗାନ୍ଧୀ ଆମେରିକା ଗସ୍ତରେ ଯାଇଥିବା ନେଇ ମିଥ୍ୟା ତଥ୍ୟ ଦେଇଥିବା ଶ୍ରୀ ଜୟଶଙ୍କର କହିଛନ୍ତି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଗାନ୍ଧୀ ବାଇଡେନ୍ ପ୍ରଶାସନର ସୁରକ୍ଷା ମୁଖ୍ୟଙ୍କୁ ଭେଟିଥିବା ଉଲ୍ଲେଖ କରିଥିଲେ। ସେଠାରେ ଏକ ବୈଠକରେ ମଧ୍ୟ ସେ ଅଧ୍ୟକ୍ଷତା କରିଥିବା ଦର୍ଶାଇଥିଲେ। ଏ ନେଇ ବୈଦେଶିକ ବ୍ୟାପାର ମନ୍ତ୍ରୀ ଅଭିଯୋଗ କରିଛନ୍ତି, ସେଭଳି କୌଣସି ଆଲୋଚନା ପାଇଁ ବ୍ୟବସ୍ଥା ହୋଇ ନ ଥିଲା। ତେବେ ଶ୍ରୀ ଜୟଶଙ୍କର କହିଛନ୍ତି, ରାହୁଲ ଗାନ୍ଧୀଙ୍କ ମିଥ୍ୟା ବୟାନ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇପାରେ, କିନ୍ତୁ ତାହା ବିଦେଶରେ ଭାରତର ସମ୍ମାନହାନୀ କରୁଛି।

## ଏଲ୍‌ଏସ୍- ଫରେନ୍ ଟୁରିଷ୍ଟ

ଦେଶରେ ଗତ ଦୁଇ ବର୍ଷ ମଧ୍ୟରେ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ସଂଖ୍ୟା ୪୭ ଦଶମିକ ୯ ପ୍ରତିଶତ ବୃଦ୍ଧି ଘଟିଥିବା ଜଣାଯାଇଛି। ୨୦୨୩ ମସିହାରେ ଦେଶକୁ ୯୫ ଲକ୍ଷ ୨୦ ହଜାର ବିଦେଶୀ ପର୍ଯ୍ୟଟକ ଆସିଥିଲେ। ଯାହାକି ପୂର୍ବବର୍ଷ ତୁଳନାରେ ପାଖାପାଖି ୩୧ ଲକ୍ଷ ଅଧିକ।

ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଲୋକସଭାରେ ଏକ ଲିଖିତ ଉତ୍ତରରେ କହିଛନ୍ତି, ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ ଯୋଗୁଁ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଛି। ବାଂଲାଦେଶରୁ ସର୍ବାଧିକ ବିଦେଶୀ ପର୍ଯ୍ୟଟକ ଭାରତ ଆସିଛନ୍ତି। ତାହାପରେ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ବ୍ରିଟେନ୍‌ର ସ୍ଥାନ ରହିଛି। ଅନ୍ୟ ଏକ ଲିଖିତ ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଚଳିତ ଆର୍ଥିକ ବର୍ଷରେ ପର୍ଯ୍ୟଟନ କେନ୍ଦ୍ରର ବିକାଶ ଲାଗି ୨୩ଟି ରାଜ୍ୟରେ ୪୦ଟି ପ୍ରକଳ୍ପ ନିମନ୍ତେ ୩ ହଜାର ୨୦୦ କୋଟି ଟଙ୍କା ମଞ୍ଜୁର କରାଯାଇଛି।

## କୋଇଲା-ପ୍ରଡକସନ୍

ଦେଶର କୋଇଲା କ୍ଷେତ୍ରରେ ୨୦୨୪ ଏପ୍ରିଲରୁ ଗତ ଜାନୁଆରୀ ଶେଷ ସୁଦ୍ଧା ସ୍ଥିର ଅଭିବୃଦ୍ଧି ଘଟିଛି। କୋଇଲା ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ଜାନୁଆରୀରେ ମୋଟ କୋଇଲା ଉତ୍ପାଦନ ୧୦୪ ଦଶମିକ ୪/୩ ମିଲିୟନ୍ ଟନକୁ ବୃଦ୍ଧି ପାଇଛି। ଗତବର୍ଷ ଏହି ସମୟ ତୁଳନାରେ ଏହା ୪ ଦଶମିକ ୩/୮ ପ୍ରତିଶତ ବୃଦ୍ଧିକୁ ଦର୍ଶାଉଛି। ମନ୍ତ୍ରଣାଳୟ କହିଛି, ବିଭିନ୍ନ ପ୍ରକାରର କୋଇଲା ଖଣିରେ ଗତ ଜାନୁଆରୀରେ ଉତ୍ପାଦନ ୧୯ ଦଶମିକ ୬/୮ ମିଲିୟନ୍ ଟନ୍‌କୁ ବୃଦ୍ଧି ପାଇଛି। ଗତ ବର୍ଷ ତୁଳନାରେ ୩୧ ଦଶମିକ ୭ ପ୍ରତିଶତ ବୃଦ୍ଧି ରେକର୍ଡ କରାଯାଇଛି। ସେହିପରି ଚଳିତ ବର୍ଷ ଜାନୁଆରୀ ସୁଦ୍ଧା ମୋଟ୍ କୋଇଲା ଉତ୍ପାଦନ ଗତ ବର୍ଷ ତୁଳନାରେ ୫ ଦଶମିକ ୮/୮ ପ୍ରତିଶତ ବୃଦ୍ଧି ପାଇଁ

୮୩୦ ଦଶମିକ ୬/୬ ମିଲିୟନ ଟନ୍‌ରେ ପହଁଞ୍ଚିଛି। ଗତ ଜାନୁଆରୀରେ ୯୨ ଦଶମିକ ୪ ମିଲିୟନ୍ ଟନ୍ କୋଇଲା ରପ୍ତାନୀ ହୋଇଥିବା ସୂଚନା ମିଳିଛି। ଯାହା ଗତ ବର୍ଷ ଏହି ସମୟ ତୁଳନାରେ ୬ ଦଶମିକ ୩/୧ ବୃଦ୍ଧିକୁ ଦର୍ଶାଉଛି।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍** ଆଜି ରାତି ସାଢ଼େ ୯ଟାରେ ପ୍ରସାରଣ କରାଯିବ । ଆଜିର ବିଷୟବସ୍ତୁ ରହିଛି **କ୍ୟାସନର ସଚେତନତା-ଚିହ୍ନଟ, ଚିକିତ୍ସା ଓ ନିରାକରଣ ପ୍ରେରଣାଦାୟୀ ପ୍ରଚେଷ୍ଟା ।** ବିଶିଷ୍ଟ କ୍ୟାନସର ବିଶେଷଜ୍ଞ ଡକ୍ଟର ଡୋଡୁଲ ମଣ୍ଡଳ ଆଲୋଚନାରେ ଅଂଶ ଗ୍ରହଣ କରି ଶ୍ରୋତାମାନଙ୍କର ଏ ସଂପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ । ଏଥିପାଇଁ ଶ୍ରୋତାମାନଙ୍କୁ ରାତି ୯ଟା ୩୦ ମିନିଟ୍ ପରଠାରୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ସିରିଆ ବ୍ଲାଷ୍ଟ

ସିରିଆର ଉତ୍ତରାଞ୍ଚଳ ସହରରେ ଆଜି ଏକ କାର ବୋମା ବିସ୍ଫୋରଣରେ ୧୯ ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୧୯

ଜଣ ମହିଳା ଏବଂ ଜଣେ ପୁରୁଷ ଥିବା ଜଣାଯାଇଛି ସ୍ଥାନୀୟ ସିରିଆ ନାଗରିକ ପ୍ରତିରକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଘଟଣାରେ ୧୫ ଜଣ ମହିଳା ଗୁରୁତର ଆହତ ହୋଇଛନ୍ତି। ଏହି ବିସ୍ଫୋରଣ ଘଟଣା ପାଇଁ ଏ ପର୍ଯ୍ୟନ୍ତ କୌଣସି ଗୋଷ୍ଠୀ ନିଜକୁ ଦାୟୀ କରିନାହାଁନ୍ତି।

## ମହିଳା କ୍ରିକେଟ୍

ଭାରତୀୟ ମହିଳା କ୍ରିକେଟ ଦଳ କ୍ରମାଗତ ଭାବେ ଦ୍ୱିତୀୟଥର ଲାଗି ଟି-ଟ୍ୱେଣ୍ଟି ବିଶ୍ୱକପ୍ ଜିତିବା ପରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ–ବିସିସିଆଇ ୫ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଛି। ମାଲେସିଆର ଓଭାଲିନ୍ ସ୍ଥିତ ବାୟୁମାସ୍ ଷ୍ଟାଡିୟମରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଆଇସିସି ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଭାରତୀୟ ମହିଳା ଦଳ ଗତକାଲି ବିଜୟ ହାସଲ କରିଛି। ଏହା ପୂର୍ବରୁ ୨୦୨୩ ମସିହାରେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ପ୍ରଥମ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଭାରତୀୟ ମହିଳା ଦଳ ସେଫାଳୀ ବର୍ମାଙ୍କ ନେତୃତ୍ୱରେ ବିଜୟ ହାସଲ କରିଥିଲା।

ଗତକାଲି ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଭାରତ ୯ ଓ୍ୱିକେଟ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଏହି ଟାଇଟଲ ହାସଲ କରିଛି।